# NATIONAL NEWS BULLETIN (ODIA)

**11 January - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀଠାରେ ନିଶାଦ୍ରବ୍ୟ ଚୋରାଚାଲାଣ ଓ ଜାତୀୟ ନିରାପତ୍ତା ସମ୍ପର୍କିତ ଆଞ୍ଚଳିକ ସମ୍ମିଳନୀ ଅନୁଷ୍ଠିତ ।

- ଅଯୋଧ୍ୟା ରାମଲାଲାଙ୍କ ପ୍ରାଣପ୍ରତିଷ୍ଠାର ଆଜି ପାଳନ କରାଯାଉଛି ପ୍ରଥମ ବାର୍ଷିକୀ ।

\- ଦେଶବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ପ୍ରତିରକ୍ଷା ରପ୍ତାନୀ କେନ୍ଦ୍ରଭାବେ ଭାରତ ପାଖାପାଖି ୧୦୦ଟି ଦେଶକୁ ବିକ୍ରି କରୁଛି ଘରୋଇ ଉତ୍ପାଦ ।

- ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଆସନ୍ତା ୧୪ ତାରିଖରୁ ଭାରତ ଗସ୍ତ ।

ଏବଂ

- ହକି ଇଣ୍ଡିଆ ପ୍ରତିଯୋଗିତାର ପୁରୁଷ ବର୍ଗରେ ଆଜି ଖେଳାଯିବ ଦୁଇଟି ମ୍ୟାଚ୍ ।

# ଶାହା-ଡ୍ରଗ୍ ଟ୍ରାଫିକିଙ୍ଗ୍ କନ୍‌ଫରେନ୍ସ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀଠାରେ ନିଶାଦ୍ରବ୍ୟ ଚୋରା ଚାଲାଣ ଏବଂ ଜାତୀୟ ନିରାପତ୍ତା ଉପରେ ଆଧାରିତ ଆଞ୍ଚଳିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ-ଏନ୍‌ସିବି ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି ଉତ୍ତର ଭାରତର ୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ନିଶାଦ୍ରବ୍ୟ କାରବାର ରୋକିବା ଏବଂ ଜାତୀୟ ନିରାପତ୍ତା ଉପରେ ଏହାର ପ୍ରଭାବକୁ ଦୂର କରିବା ଉପରେ ଗୁରୁତ୍ୱ ଦେବା । ଏହି ଅବସରରେ ଶ୍ରୀ ଶାହା ନିଶାଦ୍ରବ୍ୟ ନଷ୍ଟ ସମ୍ବନ୍ଧିତ ଏକ ପାକ୍ଷିକ ଅଭିଯାନର ଶୁଭାରମ୍ଭ କରିଛନ୍ତି । ଏଥିସହିତ ଶ୍ରୀ ଶାହା ଏନ୍‌ସିବିର ଭୋପାଳ ୟୁନିଟ୍‌ର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ସହ ମାନସ-୨ ହେଲପ୍ ଲାଇନ୍‌ର ସଂପ୍ରସାରଣକୁ ଉଦ୍‌ଘାଟନ କରିଛନ୍ତି ।

ଚଳିତମାସ ମାସ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ନିଶାଦ୍ରବ୍ୟ ନଷ୍ଟ ଅଭିଯାନରେ ୪୪ ହଜାର କିଲୋଗ୍ରାମ୍‌ରୁ ଅଧିକ ଜବତ ହୋଇଥିବା ନିଶାଦ୍ରବ୍ୟ ନଷ୍ଟ କରାଯିବ । ଏହାର ଆନ୍ତର୍ଜାତିକ ବଜାର ମୂଲ୍ୟ ହେଉଛି ୨ ହଜାର ୪୧୧ କୋଟି ଟଙ୍କା ।

ନିଶାଦ୍ରବ୍ୟ ଚୋରା ଚାଲାଣ ବିରୁଦ୍ଧରେ ସରକାର ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିଛନ୍ତି । ୨୦୪୭ ସୁଦ୍ଧା ନିଶାମୁକ୍ତ ଭାରତ ଗଠନ ପାଇଁ ଗୃହ ମନ୍ତ୍ରଣାଳୟ ତ୍ରିମୁଖୀ ରଣନୀତି କାର୍ଯ୍ୟକାରୀ କରୁଛି । ଏଥିରେ ସଂସ୍ଥାଗତ ଢ଼ାଞ୍ଚାକୁ ସୁଦୃଢ଼ କରିବା, ନିଶାଦ୍ରବ୍ୟ ନିୟନ୍ତ୍ରକ ସଂସ୍ଥାଗୁଡ଼ିକ

ମଧ୍ୟରେ ସମନ୍ୱୟ ବୃଦ୍ଧି ଓ ବ୍ୟାପକ ଜନସଚେତନତା ଅଭିଯାନ ଆରମ୍ଭ କରିବା ଉପରେ ମନ୍ତ୍ରଣାଳୟ କାର୍ଯ୍ୟକ୍ରମ ଆରମ୍ଭ କରିଛି ।

## ଅଯୋଧ୍ୟା-ରାମମନ୍ଦିର ବାର୍ଷିକୀ

ଉତ୍ତର ପ୍ରଦେଶର ଅଯୋଧ୍ୟାରେ ରାମମନ୍ଦିରରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠାର ପ୍ରଥମବାର୍ଷିକୀ ପାଳନ ଅବସରରେ ଆଜିଠାରୁ ତିନିଦିନ ବ୍ୟାପୀ ଭବ୍ୟ ସମାରୋହ ଆରମ୍ଭ ହେବାକୁ ଯାଉଛି । ହିନ୍ଦୁ ଚନ୍ଦ୍ର କ୍ୟାଲେଣ୍ଡର ଆଧାରରେ ପ୍ରାଣପ୍ରତିଷ୍ଠାର ଆଜି ବାର୍ଷିକୀ ପାଳନ କରାଯାଉଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ରାମଲାଲାଙ୍କ ମୂର୍ତ୍ତିର ଅଭିଷେକ କରିବେ । ଏଥିପାଇଁ ସ୍ୱତନ୍ତ୍ର ରୀତିନୀତିର ଆୟୋଜନ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତବର୍ଷ ଜାନୁଆରୀ ମାସ ୨୨ ତାରିଖରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା କରିଥିଲେ । ପ୍ରଥମ ଦିନରେ ଆଜି ରାମଲାଲା ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ପୀତାମ୍ବରୀ ପୋଷାକ ପିନ୍ଧି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ । ଶ୍ରୀ ରାମମନ୍ଦିର ଟ୍ରଷ୍ଟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି । ସାଂସ୍କୃତିକ କାର୍ଯ୍ୟକ୍ରମ, ଦୈନନ୍ଦିନ ନୀତିକାନ୍ତି ଏବଂ ରାମକଥା ପ୍ରବଚନର ବ୍ୟବସ୍ଥା ହୋଇଛି ।  ଏହି ଭବ୍ୟ ସମାବେଶରେ ଯୋଗଦେବା ପାଇଁ ଦେଶର ବିଭିନ୍ନ ପ୍ରାନ୍ତରୁ ସାଧୁ, ସନ୍ଥ ଏବଂ ଶ୍ରଦ୍ଧାଳୁଙ୍କୁ ନିମନ୍ତ୍ରଣ କରାଯାଇଛି ।

## ପିଏମ୍-ଅଯୋଧ୍ୟା ରାମମନ୍ଦିର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅସରରେ  ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଏହି ମନ୍ଦିର ବହୁ ତ୍ୟାଗ, ତପସ୍ୟା ଏବଂ ସଂଘର୍ଷର ନିଦର୍ଶନ । ସଂସ୍କୃତି ଏବଂ ଆଧ୍ୟାତ୍ମିକତାର ଏହା ମହାନ ଐତିହ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଏହି ଦିବ୍ୟ ଓ ଭବ୍ୟ ମନ୍ଦିର ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଇଣ୍ଡିଜିନିୟସ-ଡିଫେନ୍ସ ପ୍ରଡକ୍ସନ

ବିଶ୍ୱର ଏକ ପ୍ରମୁଖ ପ୍ରତିରକ୍ଷା ରପ୍ତାନୀ କେନ୍ଦ୍ର ଭାବେ ଭାରତ ପାଖାପାଖି ୧୦୦ଟି ଦେଶକୁ ଘରୋଇ ଉତ୍ପାଦିତ ପ୍ରତିରକ୍ଷା ଯନ୍ତ୍ରାଂଶ ବିକ୍ରି କରୁଛି । ପ୍ରତିରକ୍ଷା ମନ୍ତ୍ରଣାଳୟର ଉତ୍ପାଦନ ବିଭାଗର ନିବେଶ ଓ କରିଡର ସେଲ୍‌ର ଉପ ମହାନିର୍ଦ୍ଦେଶକ ଅଖିଳେଶ କୁମାର ମିଶ୍ର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଭାରତରୁ ଯନ୍ତ୍ରାଂଶ କିଣୁଥିବା ଦେଶଗୁଡ଼ିକ ମଧ୍ୟରେ ଆମେରିକା, ଫ୍ରାନ୍ସ ଏବଂ ଆର୍‌ମେନିଆ ପ୍ରମୁଖ ରାଷ୍ଟ୍ର ଅଛନ୍ତି । ଅଗରତାଲାଠାରେ ଗତକାଲି ଭାରତ ଚ୍ୟାମ୍ବର ଅଫ୍ କମର୍ସ ପକ୍ଷରୁ ଆୟୋଜିତ ଏକ

କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମିଶ୍ର ଏହା କହିଛନ୍ତି । ସେ କହିଛନ୍ତି ଦେଶରେ ପ୍ରତିରକ୍ଷା ଶିଳ୍ପର ଭିତ୍ତିଭୂମି ସୁଦୃଢ଼ ରହିଛି । ୧୬ଟି ପ୍ରତିରକ୍ଷା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଘରୋଇ ଉତ୍ପାଦନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ଘରୋଇ ପ୍ରତିରକ୍ଷା ଉତ୍ପାଦନ ୧ଲକ୍ଷ ୨୭କୋଟିରେ ପହଞ୍ଚିଥିଲା । ଚଳିତବର୍ଷ ଏହି ପରିମାଣ ୧ଲକ୍ଷ ୭୫ କୋଟିରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି । ଚଳିତବର୍ଷରୁ ପ୍ରତିରକ୍ଷା ମନ୍ତ୍ରଣାଳୟ ସଂସ୍କାରର ବର୍ଷ ଭାବେ ପାଳନ କରୁଛି । ସଶସ୍ତ୍ର ବାହିନୀକୁ ବୈଷୟିକ ଜ୍ଞାନ କୌଶଳରେ ଅଧିକ ଉନ୍ନତ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ମିଶ୍ର ଏହି ଅବସରରେ ସୂଚନା ଦେଇଛନ୍ତି ।

## ସିଙ୍ଗାପୁର ପ୍ରେସିଡେଣ୍ଟ-ଇଣ୍ଡିଆ ଭିଜିଟ୍

ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ସାନ୍ମୁର୍ଗାରତନମ ଆସନ୍ତା ୧୪ ତାରିଖରୁ ଭାରତ ଗସ୍ତରେ ଆସୁଛନ୍ତି । ୧୦ବର୍ଷ ମଧ୍ୟରେ ସିଙ୍ଗାପୁର ରାଷ୍ଟ୍ରପତିଙ୍କର ଏହା ପ୍ରଥମ ସରକାରୀ ଭାରତ ଗସ୍ତ । ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରପତି ସାନ୍ମୁର୍ଗାରତନମଙ୍କ ଭାରତ ଗସ୍ତ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ୬୦ ବର୍ଷ ପୂର୍ତ୍ତିର ପ୍ରତୀକ ହେବ । ଏହି ଅବସରରେ ସେ ନୂଆଦିଲ୍ଲୀ ଏବଂ ଓଡ଼ିଶା ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବିଭିନ୍ନ

ଦ୍ୱିପାକ୍ଷିକ ଏବଂ ବୈଶ୍ୱିକ ପ୍ରସଙ୍ଗ ନେଇ ରାଷ୍ଟ୍ରପତି ସନ୍‌ମୁର୍ଗାରତନମ ଆଲୋଚନା କରିବେ ।

## ୟୁଏସ୍-ୱାଇଲ୍‌ଡ ଫାୟାର

ଆମେରିକାରେ ଲସ୍ ଏଞ୍ଜଲସ କାଉଣ୍ଟିରେ ଅଗ୍ନିକାଣ୍ଡ ଘଟି ଅତି କମ୍‌ରେ ୧୧ଜଣଙ୍କର ମୃତ୍ୟୁ ହୋଇଛି । ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ଅଗ୍ନିକାଣ୍ଡରେ ୧୩ହଜାରରୁ ଅଧିକ ବାସଗୃହ ପୋଡ଼ି ପାଉଁଶ ହୋଇଯାଇଛି । ସେହି ଅଞ୍ଚଳରେ ୪ଟି ବଡଧରଣର ନିଆଁ ଲାଗିଥିଲା । ଅଗ୍ନିଶମ ବାହିନୀ ପକ୍ଷରୁ ନିଆଁକୁ ଆୟତ୍ତ କରିବା ଲାଗି ପ୍ରୟାସ ଜାରି ରହିଛି । ତେବେ ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ।

## ୟୁଏସ୍-ୟୁକ୍ରେନ ସପୋର୍ଟ

ରୁଷ୍ ବିରୁଦ୍ଧ  ଯୁଦ୍ଧରେ ୟୁକ୍ରେନକୁ ଆମେରିକାର ସମର୍ଥନ ନେଇ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ୟୁକ୍ରେନ ରାଷ୍ଟ୍ରପତି ଭ୍ଲାଦିମିର ଜେନେଲେସ୍କିଙ୍କ ମଧ୍ୟରେ ଗତକାଲି ଆଲୋଚନା ହୋଇଛି । ଟେଲିଫୋନ୍ ମାଧ୍ୟମରେ ହୋଇଥିବା ଏହି ଆଲୋଚନାରେ ଦୁଇ ନେତାଙ୍କ ମଧ୍ୟରେ ରୁଷ୍ ଉପରେ ଜାରି ହୋଇଥିବା କଟକଣା ଏବଂ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ

କଥାବାର୍ତ୍ତା ହୋଇଛି । ହ୍ୱାଇଟ୍ ହାଉସ୍ର ଅର୍ଥନୈତିକ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଦିଲ୍ଲୀପ ସିଂହ କହିଛନ୍ତି ରୁଷିଆର ତୈଳ ଏବଂ ଗ୍ୟାସ୍ କ୍ଷେତ୍ର ଉପରେ ଆମେରିକା ପ୍ରଶାସନର ବ୍ୟାପକ କଟକଣା ଏହାର ଶକ୍ତି କ୍ଷେତ୍ର ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ ।

## ଗୋୟଲ କ୍ଲାଇମେଟ ଫୋରମ

ବାଣିଜ୍ୟ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋଏଲ କହିଛନ୍ତି ବିଶ୍ୱରେ ଭାରତ ନିଜକୁ ଏକ ଡାଟା ସେଣ୍ଟର ଭାବେ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛି । ନୂଆଦିଲ୍ଲୀଠାରେ ଭାରତ କ୍ଲାଇମେଟ୍ ଫୋରମକୁ ସମ୍ବୋଧିତ କରି ଶ୍ରୀ ଗୋଏଲ କହିଛନ୍ତି ସ୍ୱଚ୍ଛଶକ୍ତି ଏବଂ ନିରନ୍ତର ଅଭିବୃଦ୍ଧି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ପ୍ୟାରିସ୍ ଚୁକ୍ତି ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ଗୋଏଲ କହିଛନ୍ତି ଅନ୍ୟ ରାଷ୍ଟ୍ରଗୁଡ଼ିକ ତୁଳନାରେ ଭାରତ ଏ କ୍ଷେତ୍ରରେ ବହୁ ଆଗୁଆ ରହିଛି । ନିର୍ଦ୍ଧାରିତ ସମୟର ୮ବର୍ଷ ପୂର୍ବରୁ ଏ କ୍ଷେତ୍ରରେ ଭାରତ ପାଖାପାଖି ୪୫ ପ୍ରତିଶତ ସଫଳତା ହାସଲ କରିସାରିଛି । ଭାରତକୁ ଡାଟା ସେଣ୍ଟର ହବ୍ ଭାବରେ ପରିଣତ କରିବା ଲକ୍ଷ୍ୟରେ ସରକାରଙ୍କ ତରଫରୁ ନିଆଯାଉଥିବା ପଦକ୍ଷେପ ଗୁଡ଼ିକ ଉପରେ ମନ୍ତ୍ରୀ ଶ୍ରୀ ଗୋଏଲ ଏହି ଅବସରରେ ଆଲୋକପାତ କରିଥିଲେ ।

# ଆସାମ ମାଇନ୍ ଆକ୍ସିଡେଣ୍ଟ

ଆସାମର ଡିମା ହାସାଓ ଜିଲ୍ଲାର ଉମରାନ ଶୋ'ଠାରେ କୋଇଲା ଖଣି ଦୁର୍ଘଟଣାରେ ଆଜି ଆଉଜଣେ ଶ୍ରମିକଙ୍କର ମୃତଦେହ ଉଦ୍ଧାର ହୋଇଛି । ଷଷ୍ଠଦିନ ପାଇଁ ଆଜି ମଧ୍ୟ ସେଠାରେ ଉଦ୍ଧାରକାର୍ଯ୍ୟ ଜାରି ରହିଛି । ଏକାଧିକ କେନ୍ଦ୍ର ଏବଂ ରାଜ୍ୟ ଉଦ୍ଧାରକାରୀ ସଂସ୍ଥା ମିଳିତଭାବେ ଏଥିରେ ନିୟୋଜିତ ଅଛନ୍ତି । ପୂର୍ବରୁ ସେଠାରୁ ଆଉ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଥିଲା । ସୂଚନାଯୋଗ୍ୟ ଯେ ଗତ ସୋମବାର କୋଇଲାଖଣିରେ ପାଣି ପଶିଯିବାରୁ ୯ଜଣ ଶ୍ରମିକ ସେଠାରେ ଅଟକି ରହିଥିଲେ । ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରାଯାଇଛି । ଅଟକି ରହିଥିବା ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ନୌସେନା, ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍, ଜିଲ୍ଲା ପ୍ରଶାସନ, ଓଏନ୍‌ଜିସି ମିଳିତଭାବେ କାର୍ଯ୍ୟ କରୁଛନ୍ତି ।

# ପଞ୍ଜାବ-ଆପ୍ ଏମ୍‌ଏଲ୍‌ଏ ଡିମାଇଜ୍

ପଞ୍ଜାବର ଲୁଧିଆନା ପଶ୍ଚିମ ନିର୍ବାଚନମଣ୍ଡଳୀର ଆମ୍ ଆଦ୍‌ମୀ ପାର୍ଟି ବିଧାୟକ ଗୁରୁପ୍ରୀତ ଗୋଗି ବସିଙ୍କର ଗତକାଲି ବିଳମ୍ବିତ ରାତିରେ ପରଲୋକ ହୋଇଛି । ତାଙ୍କ ମୁଣ୍ଡରେ ଗୁଳି ବାଜିବା ଯୋଗୁଁ ଗୁରୁତର

ଆହତ ବିଧାୟକ ଗୋଗିଙ୍କୁ ତାଙ୍କ ପରିବାର ସଦସ୍ୟ ଲୁଧିଆନାର ଦୟାନନ୍ଦ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ପରିବାର ଲୋକଙ୍କ କହିବା ଅନୁଯାୟୀ ନିଜର ବନ୍ଧୁକ ସଫା କରୁଥିବାବେଳେ ହଠାତ୍ ଗୁଳି ଫୁଟିବାରୁ ଗୋଗିଙ୍କ ମୁଣ୍ଡରେ କ୍ଷତ ହୋଇଥିଲା । ତେବେ ପଞ୍ଜାବ ପୁଲିସ ଘଟଣାର ତଦନ୍ତ କରୁଛି । ଆପ୍‌ର ରାଜ୍ୟଶାଖା ସଭାପତି ଅମନ ଅରୋରା ଏହି ଘଟଣାରେ ଗଭୀର ଦୁଃଖପ୍ରକାଶ କରିଛନ୍ତି ।

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ପ୍ରତିଯୋଗିତାର ପୁରୁଷ ବର୍ଗରେ ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମଠାରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ଗୁଡ଼ିକରେ ସନ୍ଧ୍ୟା ୬ଟାରେ ହାଇଦ୍ରାବାଦ ତୋଫାନ୍ସ ଓ ସୁର୍‌ମା ହକି  କ୍ଲବ୍ ମଧ୍ୟରେ ଏବଂ ରାତି ୮ଟା ୧୫ ମିନିଟ୍‌ରେ ଦିଲ୍ଲୀ ଏସ୍.ଜି. ପାଇପର୍ସ ଓ ୟୁପି ରୁଦ୍ରାସ୍ ମଧ୍ୟରେ ମୁକାବିଲା ହେବ ।

ଗତକାଲି ସନ୍ଧ୍ୟାରେ ତାମିଲନାଡୁ ଡ୍ରାଗନ୍ସ ୨-୧ ଗୋଲ୍‌ରେ ପ୍ରାଚୀ ରାର୍ ବେଙ୍ଗଲ ଟାଇଗର୍ସକୁ ପରାସ୍ତ କରିଛି ।